**୨ ବାଇକ୍ ଜବତ, ୨ ଗିରଫ**

**ବଇଣ୍ଡା,(ପରିକ୍ଷିତ ସାହୁ):** ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ କିଶୋରନଗର ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା ତୁରୁଡ଼ା ଗ୍ରାମର ଶରତ ନାୟକ ଓ ନଡତା ଗ୍ରାମର ବ୍ରଜବନ୍ଧୁ ବିଶ୍ୱାଳ। ଏଥିସହ ସେମାନଙ୍କ ନିକଟରୁ ୨ଟି ବାଇକ୍ ଜବତ କରାଯାଇଛି। ସେମାନେ ମଦ୍ୟପାନ କରି ବାଇକ୍ ଚଳାଉଥିବାବେଳେ ଅଙ୍ଗପଡାଠାରେ ପୋଲିସ ଯାଞ୍ଚ କରି ଉଭୟଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୨୮୬/୨୩ ଓ ୨୮୭/୨୩ରେ ଦୁଇଟି ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

## ହତ୍ୟା ଅଭିଯୁକ୍ତ କୋର୍ଟଚାଲାଣ

କାମାକ୍ଷାନଗର,୨୫।୧୨ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଉଁଶପାଳ ଶବର ସାହିରେ ଗତ ଶୁକ୍ରବାର ଠେଙ୍ଗା ମାଡ଼ରେ ରୋହିତ ପଧାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ନୀର ଭୂତିଆଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ସୋମବାର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ କାମାକ୍ଷାନଗର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ଖମାର ଅଞ୍ଚଳର ନୀର ବାଉଁଶପାଳ ଶବର ସାହିରେ ଶ୍ୱଶୁର ଘରେ ରହୁଥିଲେ। ସବୁବେଳେ ଦମ୍ପତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଗତ ଶୁକ୍ରବାର ଦମ୍ପତିଙ୍କ ମଧ୍ୟରେ କଳହ ଲାଗିଥିବାବେଳେ ପଡ଼ୋଶୀ ରୋହିତ ପଧାନ କାହିଁକି କଳହ କରୁଛ ବୋଲି କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନୀର ଏକ ଠେଙ୍ଗାରେ ରୋହିତଙ୍କୁ ଆକ୍ରମଣ କରିଥିଲେ। ଫଳରେ ରୋହିତ ଗୁରୁତର ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଚାଉଳ ଚୋରି ଅଭିଯୋଗ

ବଇଣ୍ଡା,୨୫।୧୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଚୂଡ଼ାଖାଇ ପ୍ରାଥମିକ ବିଦ୍ୟାଳୟ ଅଫିସ ଗୃହରୁ ୪ କୁଇଣ୍ଟାଲ ମାଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଥିବା ରବିବାର ପ୍ରଧାନଶିକ୍ଷକ ଗଗନ ବିହାରୀ ସାହୁ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୮୮/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବିଦ୍ୟାଳୟରେ ସାଢେ ୭ କୁଇଣ୍ଟାଲ ମଧ୍ୟାହ୍ନଭୋଜନ ଚାଉଳ ଥିବାବେଳେ କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ସେଥିରୁ ୪ କୁଇଣ୍ଟାଲ ଚାଉଳ ଚୋରି କରି ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଖେଳରୁ ହିଁ ପ୍ରେରଣା ମିଳେ- ଧର୍ମେନ୍ଦ୍ର



### ଜବାହର ନବୋଦୟ ବିଦ୍ୟାଳୟରେ ୧୪. ୩୨ କୋଟିର ପ୍ରକଳ୍ପର ଶୁଭ

ପରଜଙ୍ଗ,୨୫।୧୨ (ନିଗମାନନ୍ଦ ଦଳବେହେରା)

ଖେଳରେ ସ୍ପିରିଟ ଅଛି। ହାର୍ ଜିତ ରହିଛି। ହେଲେ ଖେଳରେ ହାରିଲେ ଆଗକୁ ବଢ଼ିବାର ପ୍ରେରଣା ମିଳେ। ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ପିଏମ୍ ଶ୍ରୀ ଜବାହର ନବଦୋୟ ବିଦ୍ୟାଳୟରେ ୧୪. ୩୨ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଶୁଭ ଦେବା ସହ ଫୁଟବଲ ଫର୍ ସ୍କୁଲ କାର୍ଯ୍ୟକ୍ରମ ଅଧୀନରେ ଫୁଟବଲ ବିତରଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦୀର୍ଘ ଚାରି ଦଶନ୍ଧି ଧରି ଢେଙ୍କାନାଳ ଜିଲାରେ ଅନେକ ବଡ଼ ବଡ଼ ବ୍ୟକ୍ତିତ୍ୱଙ୍କୁ ତିଆରି କରିବାରେ ଏହି ନବୋଦୟ ବିଦ୍ୟାଳୟର ଯୋଗଦାନ ଅତୁଳନୀୟ। ଢେଙ୍କାନାଳ ଜିଲାର ବଣମଲ୍ଲୀଙ୍କୁ ପାରିଜାତ ଭଳି ପରିବର୍ତ୍ତନ କରିବାରେ ସ୍କୁଲର ଯଥେଷ୍ଟ ଅବଦାନ ରହିଛି। ସ୍କୁଲର ପିଲାମାନେ ଜୀବନରେ ଉତ୍କର୍ଷତା ହାସଲ କରିଛନ୍ତି। ଏଠାରେ ଶିଳାନ୍ୟାସ ହୋଇଥିବା ୭୫୦ ସିଟ୍ କ୍ଷମତା ବିଶିଷ୍ଟ ନୂତନ ବହୁମୁଖୀ ସଭାଗାର ପ୍ରାୟ ୬ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହାବ୍ୟତୀତ ନିର୍ମାଣ ହେବାକୁ ଥିବା ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବାସ୍କେଟ ବଲ, ଟେନିସ, ବ୍ୟାଡମିଣ୍ଟନ, ଭଲିବଲ ଖେଳିବା ଭଳି ଅତ୍ୟାଧୁନିକ ଓ ଆନୁଷଙ୍ଗିକ ସୁବିଧା ରହିବ। ଏଠାରେ ଏକ ଓପନ ଜିମ, ଆଥଲେଟିକ୍ସ ଟ୍ରାକ ଏବଂ ଫିଲ୍ଡ ଓ ଦର୍ଶକ ଗ୍ୟାଲେରିର ବି ଉନ୍ନତୀକରଣ କରାଯାଉଛି। ଏହି ନବୋଦୟ ସ୍କୁଲରେ ଛାତ୍ରୀଙ୍କ ସଂଖ୍ୟା ବଢୁଥିବା କାରଣରୁ ଆଉ ଏକ ଛାତ୍ରୀ ନିବାସର ନିର୍ମାଣ ମଧ୍ୟ କରାଯାଉଛି। ଏହି ସମସ୍ତ ପ୍ରକଳ୍ପର ସର୍ବମୋଟ ମୂଲ୍ୟ ୧୪.୩୨ କୋଟି ହେବ। ଆଗାମୀ ଦିନରେ ଏହି ଅତ୍ୟାଧୁନିକ ସୁବିଧା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଓ ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିବାରେ ସହାୟକ ହେବ। ଶିଳାନ୍ୟାସ ହୋଇଥିବା ବହୁମୁଖୀ ସଭାଗାରକୁ 'ଶହୀଦ ବାଜି ରାଉତ ସଭାଗାର' ନାମରେ ନାମିତ କରିବା ପାଇଁ ପ୍ରଧାନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଫୁଟବଲ ଖେଳ ପ୍ରତି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଫୁଟବଲ ଫର୍ ସ୍କୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ଛାତ୍ରୀଛାତ୍ରଙ୍କୁ ଫୁଟବଲ ବିତରଣ କରିଥିଲେ। ଢେଙ୍କାନାଳ ଜିଲାରେ ୧୭୮ଟି ସ୍କୁଲରେ ୮୭୦ ଫୁଟବଲ ବିତରଣ କରାଯିବ। ଖେଳ ଶିକ୍ଷକମାନଙ୍କୁ ଆଧୁନିକ କୌଶଳର ପ୍ରଶିକ୍ଷଣ ଦେବା ପାଇଁ ମଧ୍ୟ ଯୋଜନା ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଆୟୋଜିତ ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ଲାଷ୍ଟିକ ଇଟା, ମାଟି ପରୀକ୍ଷା, ଟେରାକୋଟା ସାମଗ୍ରୀ, ଏଆଇର ମେକାନିକ ମଡେଲ ସମେତ ଅଭିନବ କୌଶଳକୁ ପ୍ରଶଂସା କରିଥିଲେ। ପ୍ଲାଷ୍ଟିକ ଇଟା ଓ ମାଟି ପରୀକ୍ଷାର ପ୍ରଶିକ୍ଷଣ ଆରମ୍ଭ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଢେଙ୍କାନାଳ,୨୫।୧୨ (ରତନ ନାୟାର)

ଢେଙ୍କାନାଳ ସହର ରଥଗଡାଠାରେ ସୋମବାର ଲଳିତକଳା ଏକାଡେମୀ ଭୁବନେଶ୍ୱର ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଷୟବସ୍ତୁ ଆଧାର ଓ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଓ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଶିଳ୍ପୀ ପରେଶ ପଟ୍ଟନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଶିଳ୍ପୀ ଜ୍ଞାନେଶ ମିଶ୍ର, ସୁଜିତ ମହାପାତ୍ର, ସନ୍ଦିପନ ଷଡ଼ଙ୍ଗୀ, ଅଭିନବ ବରାଳ, ଗଦାଧର ହାତୀ, ସୁଲଗ୍ନା ମହାପାତ୍ର, ନାଟ୍ୟକାର ଶତ୍ରୁଘ୍ନ ମାଟି ପ୍ରମୁଖ ଉପସ୍ଥିତ ଥିଲେ।



ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀକୁ ଅତିରିକ୍ତ ଜିଲାପାଳ ପରିଦର୍ଶନ କରୁଛନ୍ତି।

## ନଦୀ ଆନିକଟରେ ଫାଟ ଚର୍ଚ୍ଚା

କାମାକ୍ଷାନଗର,୨୫।୧୨ (ସୁଧୀର ପରିଡା)

ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ରେକୁଲଠାରେ ଥିବା ରାମିଆଳ ନଦୀରେ ନିର୍ମିତ ହୋଇଥିବା ଆନିକଟରେ ସୋମବାର ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏପରି କି ସଞ୍ଚିତ ଥିବା ପାଣି ତଳମୁଣ୍ଡକୁ ନିଷ୍କାସିତ ହୋଇଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଚାଷୀଙ୍କ ଜମିରେ ପାଣି ମାଡିବା, ଲୋକଙ୍କ ଚଳପ୍ରଚଳ ଓ ପର୍ଯ୍ୟଟନ ପାଇଁ ୨୦୨୧ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ୨କୋଟି ୬୦ ଲକ୍ଷ ଏବଂ ଓସିସିର ୩୧ଲକ୍ଷ ଟଙ୍କା ବ୍ୟୟରେ ଏକ ଆନିକଟ୍ ନିର୍ମାଣ ହୋଇଥିଲା। ଦୀର୍ଘକାଳୀନ ଭିତ୍ତିରେ ପ୍ରକଳ୍ପ କାମ ଶେଷ ହୋଇଥିଲା। ବାହାର ଦେଶରୁ ଇଞ୍ଜିନିୟର ଆସି ପ୍ରକଳ୍ପ ମଧ୍ୟରେ ଭାସମାନ କବାଟ ନିର୍ମାଣ କରିଥିଲେ। ପ୍ରକଳ୍ପରେ ପାଣି ପୂରି ରହୁଥିବାରୁ ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରକଳ୍ପ କୂଳରେ ଏକ ଛୋଟ ପାର୍କ ନିର୍ମାଣ ସହ ୨ଟି ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା। ହେଲେ ହଠାତ୍ ସୋମବାର ମଧ୍ୟାହ୍ନରେ ପ୍ରକଳ୍ପର କିଛିଅଂଶରେ ବଡ଼ ଫାଟ ସୃଷ୍ଟି ହୋଇ ପାଣି ବାହାରିଯାଇଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ଫୋନ ଉଠାଉ ନ ଥିବାରୁ ମତାମତ ମିଳିପାରି ନାହିଁ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

କାମାକ୍ଷାନଗର,୨୫।୧୨ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରର ଧର୍ମପରାୟଣା ମହିଳା କମଳା ଦେବୀ(୮୭)ଙ୍କ ସୋମବାର ପରଲୋକ ହୋଇଯାଇଛି।



ତାଙ୍କ ବିୟୋଗରେ କାମାକ୍ଷାନଗର ସହରରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନଗରପାଳ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ କମଳାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଗୀତାଯଜ୍ଞ ଓ ଗୀତା ବଣ୍ଟନ

ମାଧପୁର,୨୫।୧୨ (ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ କମ୍ପଲାଠାରେ ଦିବ୍ୟପ୍ରେରଣା ପରିବାର ପକ୍ଷରୁ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ଗୀତା ଓ ହନୁମାନ ଚାଳିଶା ବଣ୍ଟନ କରାଯାଇଥିଲା। ପ୍ରାୟ ୧୦ ବର୍ଷ ହେଲାଣି ଲୋକଙ୍କୁ ଗୀତାର ମାହାତ୍ମ୍ୟ ଓ ଆଧ୍ୟାତ୍ମିକତାକୁ ଲୋକଲୋଚନକୁ ଆଣିବାର ପ୍ରୟାସ ଏହି ପରିବାର ପକ୍ଷରୁ ଜାରି ରହିଛି। କର୍ତ୍ତା ଭାବେ ରାଧେଶ୍ୟାମ ମିଶ୍ର ଓ ସୁବାସିନୀ ମିଶ୍ର ଯୋଗଦେଇଥିଲେ। ପୁରୋହିତ ଶ୍ରବଣ ପଣ୍ଡା, ସୁଧାଂଶୁ ଶେଖର ପଣ୍ଡା, ଦିବ୍ୟପ୍ରେରଣା ପରିବାରର ସୀତାକାନ୍ତ ପ୍ରସାଦ ହୋତା, ସନ୍ତୋଷ ମେହେର, ଅଭିରାମ ମେହେର, ରଞ୍ଜିତ ବାରିକ ପ୍ରମୁଖ ସହଯୋଗ କରିଥିଲେ।



## ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ବିକ୍ଷୋଭ

କଣିହାଁ,୨୫।୧୨ (ସଚ୍ଚିଦାନନ୍ଦ ପ୍ରଧାନ)

ଯୌନ ନିର୍ଯାତନାର ଶିକାର ହୋଇଥିବା ମହିଳା କୁସ୍ତିକାରମାନଙ୍କୁ ନ୍ୟାୟ ପ୍ରଦାନ, ଭାରତୀୟ କୁସ୍ତି ଫେଡେରେଶନର ପୂର୍ବତନ ସଭାପତି ବ୍ରିଜ ଭୂଷଣ ସରଣ ସିଂଙ୍କୁ କଠୋର ଦଣ୍ଡ ବିଧାନ ଆଦି ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍) କଣିହାଁ ବ୍ଲକ କମିଟି ପକ୍ଷରୁ ରବିବାର ଗଦାଶିଳାଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନର ବ୍ଲକ ସଭାନେତ୍ରୀ ପ୍ରଗତିବାଳା ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଏଆଇଏମ୍‌ଏସ୍‌ଏସ୍‌ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟା ପ୍ରମିଳା ପଣ୍ଡା, ଅନୁଗୋଳ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ମହିଳା କୁସ୍ତିକାରଙ୍କ ଉପରେ ଭାରତୀୟ କୁସ୍ତି ଫେଡେରେଶନର ପୂର୍ବତନ ସଭାପତି ବ୍ରିଜ ଭୂଷଣଙ୍କ ଯୌନ ଶୋଷଣ ଘଟଣାକୁ ନିନ୍ଦା କରିଥିଲେ।

## ଉଫୁନା ପକ୍ଷରୁ ବଡ଼ଦିନ ପାଳନ

ଢେଙ୍କାନାଳ,୨୫।୧୨ (ରତନ ନାୟାର)

ଢେଙ୍କନାଳ ଉଫୁନା ପକ୍ଷରୁ ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ସୋମବାର ବଡଦିନ ପାଳିତ ହୋଇଛି। ମଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶୁଭାଙ୍ଗୀ ସାହୁ ଯୋଗଦେଇ ଆଜିର ଦିବସରେ ବିଶ୍ୱଶାନ୍ତି ପାଇଁ ମିଳିତ ଜାତିସଂଘର ବାର୍ତ୍ତା ଅନୁଯାୟୀ ଯୁଦ୍ଧରେ ଲିପ୍ତଥିବା ବିଶ୍ୱମାନେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ। ଆନ୍ତର୍ଜାତିକ ସ୍ତରରେ ଏହି ଦିବସଟି ଶାନ୍ତି, ସଂହତି ଓ ପ୍ରଗତିର ବର୍ଷ ହେଉ ବୋଲି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଥିଲେ। ବିଜୟ ସାହୁ, ରାଜ ସାହୁ, ବିକ୍ରମ ବେହେରା, ସଂଯୁକ୍ତା ବେହେରା ପ୍ରମୁଖ କେକ୍ କାଟି ବଡ଼ଦିନ ପର୍ବ ପାଳନ କରିଥିଲେ।



ଉଫୁନା ପକ୍ଷରୁ ବଡ଼ଦିନ ପାଳନ କରାଯାଉଛି।

## କିଶୋରନଗର ଟି-୨୦ କପ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସମେତ ଅନ୍ୟମାନେ।

ବଇଣ୍ଡା,୨୫।୧୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକର ପୂର୍ବତନ କ୍ରିକେଟ ସଙ୍ଗଠକ ସ୍ୱର୍ଗତ ଅମିୟ କୁମାର ପ୍ରଧାନ(ମଣ୍ଟୁ)ଙ୍କ ସ୍ମୃତି ଉପଲକ୍ଷେ କିଶୋରନଗର କ୍ରିକେଟ ସଂଘ ପକ୍ଷରୁ ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବରପଡିଆଠାରେ ଏହି ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଆଇନଜୀବୀ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଅଞ୍ଚଳର ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ଓ ବରଗଡ଼ ବ୍ଲୁ ଡାଇମଣ୍ଡ କ୍ରିକେଟ ଦଳ ମଧ୍ୟରେ ଖେଳାଯାଇଥିଲା। ବୌଦ୍ଧ ଦଳ ପ୍ରଥମେ ବ୍ୟାଟିଂ କରି ୧୦୬ ରନ କରିଥିଲା। ଜବାବରେ ବରଗଡ଼ ଦଳ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବରଗଡ଼ ଦଳର ଅମରେନ୍ଦ୍ର ସିଂ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଟୁକୁ ବାହାଦୁର ଓ ବିଭୁଦତ୍ତ ପ୍ରଧାନ ପରିଚାଳନା କରିଥିଲେ। ସତ୍ୟଜିତ୍ ବିଶ୍ୱାଳ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ।

**DISTRICT SPORTS OFFICE, SUNDARGARH**
**(QUOTATION CALL NOTICE)**
**No. 930** **Date: 16.12.2023**
Sealed quotations are invited from the intending Travel Agency/Car Owner for hiring of one No. of Private Vehicle (TUV-300/Bolero/Sumo Gold/Ertiga) for use in District Sports Office, Sundargarh. The details of prescribed form with term & condition (Annexure - A & B) are available in district website **www.sundargarh.nic.in** and District Sports Office, Sundargarh. The quotation should reach to the undersigned by Regd. Post only on Dated 28.12.2023 at 4 P.M. and same will be opened on the same day at 5 P.M. in the Office Chamber of ADM, Sundargarh.
**Sd./- District Sports Officer, Sundargarh**

**ZILLA PARISHAD (DRDA), BALANGIR**
**No. 444/ORMAS** **Ph. No.: 06652 (235916)** **Dated: 22.12.2023**
**SHORT TENDER CALL NOTICE**
Zilla Parishad (DRDA), Balangir on behlaf of PR&DW Deptt., Govt. of Odisha invite proposal with certain terms & conditions from reputed & registered Tent Houses/ firms/agencies/decorators/Transport agencies/security agencies having GSTIN No. may apply for the Tentage & allied works/security services/Photo & Videography/ Local transportaion/printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir for 5 days during the month of January 2024.
The tender papers only for Tentage & allied works will be available for purchase from 26th December 2023 to 3rd January 2024 during official day of office hour in the accounts section of ORMAS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 5.00 P.M. on 03.01.2024 at Office of Zilla Parishad (DRDA), Balangir in the tender box. The tenders will be opened in the Office of Zilla Parishad (DRDA), Balangir on 04.01.2024 at 11.30 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.
**Sd./- CDO-cum-EO, Zilla Parishad, Balangir**

## ରଶ୍ମିତାଙ୍କୁ ଉଦୟରାଗ ସମ୍ମାନ

ଢେଙ୍କାନାଳ,୨୫।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଯୁବ ଲେଖିକା ରଶ୍ମିତା ବେହେରାଙ୍କୁ ଟାଇମ୍‌ପାସ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଓ ସାହିତ୍ୟ କାର୍ଯ୍ୟକ୍ରମରେ ଉଦୟରାଗ ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଁ ୧୩୭ଜଣ ଯୁବ ପ୍ରତିଭା ଆବେଦନ କରିଥିଲେ। ରଶ୍ମିତାଙ୍କ ଦ୍ୱାରା ଲିଖିତ ଭିନ୍ନ ଏକ ଭୀଷ୍ମ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲିକ ଯୋଗଦେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଅତିଥି ଭାବେ ଟାଇମ ପାସ୍‌ର ମୁଖ୍ୟ ସରୋଜ ବଳ, ବିଶିଷ୍ଟ କଥାକାର ବିଜୟ ମଲ୍ଲ, ଗାଳ୍ପିକ ଆଶିଷ ଗଡନାୟକ, ପବିତ୍ରମୋହନ କର, ଗୀତିକାର ଅରୁଣ ମନ୍ତ୍ରୀ, ପଞ୍ଚାନନ ନାୟକ, ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଆଶୁତୋଷ ପରିଡା, ଶକ୍ତି ମହାନ୍ତି, ଡ. ରାଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



## ନୂତନ ଗୃହ ନିର୍ମାଣରେ ଦୁର୍ନୀତି ଅଭିଯୋଗ

ଢେଙ୍କାନାଳ,୨୫।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନୂତନ ଗୃହ ନିର୍ମାଣରେ ଦୁର୍ନୀତି ହୋଇଥିବା ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ସୋମବାର ଅଭିଯୋଗ କରିଛନ୍ତି। ସେ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣସ୍ଥଳ ପରିଦର୍ଶନ କରିବା ପରେ ଏହି ଅଭିଯୋଗ ଆଣିଥିଲେ। ବାଲି ଫିଲିଂ ଜାଗାରେ ମାଟି ଫିଲିଂ ହୋଇଛି। ନିମ୍ନମାନର କାମ ହେଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲାପାଳ ଏହି ଅଭିଯୋଗର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ନଚେତ ଆନ୍ଦୋଳନ କରାଯିବ ବୋଲି ପିସିସି ସମ୍ପାଦିକା ଚେତାବନୀ ଦେଇଛନ୍ତି।

## ବିପ୍ରବରଙ୍କୁ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନ

ଢେଙ୍କାନାଳ,୨୫।୧୨ (ରତନ ନାୟାର)

କଟକ ଟାଉନ୍ ହଲ୍‌ଠାରେ ରାଜ୍ୟସ୍ତରୀୟ କବି, ଲେଖକ, କଳାକାର ସମାବେଶ କବିତା ପାଠୋତ୍ସବ ପୁସ୍ତକ ଲୋକାର୍ପଣ ଏବଂ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହରେ ରବିବାର ଶିକ୍ଷକ ନେତା ବିପ୍ରବର ସାହୁଙ୍କୁ 'ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନ'-୨୦୨୪ରେ ସମ୍ମାନିତ କରାଯାଇଛି। ଜଣେ ଦକ୍ଷ ସଙ୍ଗଠକ, ସମାଜ ସଂସ୍କାରକ ପାଇଁ ବିପ୍ରବରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ସ୍ଥାୟୀ ସଭାପତି ପଣ୍ଡିତ ପ୍ରମୋଦ କୁମାର ମିଶ୍ର, ଅନୁଷ୍ଠାନ ସାଧାରଣ ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ମୁଖ୍ୟବକ୍ତା ଭାବେ ଓଡିଶାର ଓଡିଆ ଭାଷା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଉଦ୍‌ଘାଟକ ଭାବେ ପୂର୍ବତନ ଚିଫ୍ ସେକ୍ରେଟାରୀ ସହଦେବ ସାହୁ ଯୋଗ ଦେଇଥିଲେ।



ବିପ୍ରବର ସାହୁଙ୍କୁ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୩/୬୨, ତାରିଖ: ୧୯।୧୨।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୩୧୮୫୭ | ବୁଲ୍ ଗିୟର୍ ୧୦୭ ଟିଥ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୧୪ ଗୋଟି |
| ୨ | ୦୩୨୩୩୨୫୭ବି | ସାଇଡ୍ ବଡି ଷ୍ଟାଣ୍ଡିୟନ୍ କମ୍ପ୍ଲିଟ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୦୧ ଗୋଟି |
| ୩ | ୦୬୨୩୦୦୯୮ | ୧ ମିଟର ଲମ୍ବ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୨୨୯ ସେଟ୍ |
| ୪ | ୦୬୨୩୦୧୦୦ | ଜଗଲ୍‌ଡ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୧୨।୦୧।୨୦୨୪ ୧୦.୩୦ ଘଟିକା | ୨୩୮୩ ସେଟ୍ |
| ୫ | ୦୨୨୩୩୯୮୪ | ଇଣ୍ଟରମିଡିଏଟ୍ ଓଭରହଲିଂ (ଆଇଓଏଚ୍) ରିପ୍ଲେସମେଣ୍ଟ କିଟ୍ | ୧୭।୦୧।୨୦୨୪ ୧୦.୩୦ ଘଟିକା | ୫୫ ସେଟ୍ |
| ୬ | ୦୬୨୩୦୦୮୦ | ମେଟାଲ୍ ଲାଇନର୍ (ଟି-୩୭୪୦) | ୧୭।୦୧।୨୦୨୪ ୧୦.୩୦ ଘଟିକା | ୧୨୩୪୫୮୮ ଗୋଟି |
| ୭ | ୦୨୨୩୩୯୬୧ଏ | ମାଇକ୍ରୋପ୍ରୋସେସର୍ ଆଧାରିତ ଏନର୍ଜି ତଥା ସ୍ପିଡ୍ ମନିଟରିଂ ସିଷ୍ଟମ୍ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୧୫ ସେଟ୍ |
| ୮ | ୦୬୨୩୦୦୯୦ | ମେଟାଲ୍ ଲାଇନର୍ (ଟି-୮୬୧୬ ଓ ଟି-୮୬୧୭) | ୨୩।୦୧।୨୦୨୪ ୧୦.୩୦ ଘଟିକା | ୧୫୮୧୮୧ ଗୋଟି |
| ୯ | ୦୬୨୩୦୦୮୮ | ଜିଏଫ୍‌ଏନ୍ ଲାଇନର୍ (ଟି-୩୭୦୬) | ୨୯।୦୧।୨୦୨୪ ୧୦.୩୦ ଘଟିକା | ୯୭୩୯୦୧ ଗୋଟି |
| ୧୦ | ୦୬୨୩୦୦୯୪ | ଓମ୍ପ୍ରୁଭଡ ସୁଇଚ୍ ଏକ୍ସପାନ୍ସନ୍ ଜଏଣ୍ଟ-୬୦ | ୦୫।୦୨।୨୦୨୪ ୧୦.୩୦ ଘଟିକା | ୫୯ ସେଟ୍ |
| ୧୧ | ୦୬୨୩୦୦୮୨ | ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ନିର୍ମାଣ ଓ ଯୋଗାଣ | ୧୨।୦୨।୨୦୨୪ ୧୦.୩୦ ଘଟିକା | ୨୮ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।
CPR/10/351
ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଲାସପୁର

# ମାତୃଗର୍ଭରୁ ଶିଶୁର ଶିକ୍ଷା ଆରମ୍ଭ ହୋଇଥାଏ

**କଣିହାଁ,୨୫।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଶ୍ରୁତିନ୍ୟାସର ଅଧ୍ୟକ୍ଷ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ମାତୃଗର୍ଭରୁ ଶିଶୁର ଶିକ୍ଷା ଆରମ୍ଭ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ଚେୟାରମେନ ସୁଶାନ୍ତ ଶଶିକାନ୍ତ ସାମଲ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଦକ୍ଷିଣ ଆଫ୍ରିକା ସରକାରଙ୍କ ଅର୍ଥନୈତିକ ପରାମର୍ଶଦାତା ଡ. ଶରତ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶାନ୍ତି ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ଫକୀର ମୋହନ ସାମଲ, ଓଏଚ୍‌ପିସି ସାଧାରଣ ପରିଚାଳକ ସରୋଜ ବହିଦାର ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶର୍ମିଷ୍ଠା ଗଡ଼ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ବିଶ୍ୱଭାରତୀ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସସ୍ମିତା ବେହେରା, ଅଶୋକ ଗଡ଼ନାୟକ, ଡ. ନିରଞ୍ଜନ ସାମଲ, କିଶୋର ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଜାନୁୟାରୀ ୧୨ରୁ ଅନୁଗୋଳ ଜିଲା ମହୋତ୍ସବ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଅନୁଗୋଳ,୨୫।୧୨(ଅମିତ ସାମଲ)**

ଆସନ୍ତା ଜାନୁୟାରୀ ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଷ୍ଟାଡିୟମଠାରେ ଅନୁଗୋଳ ଜିଲା ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ରବିବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ମହୋତ୍ସବକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ମଶାଲ ଶୋଭାଯାତ୍ରା ଆସନ୍ତା ୭ ତାରିଖରେ ଆୟୋଜନ କରାଯିବ। ଏହି ମଶାଲ ପାଲଲହଡାର ଖୁଲୁଡି ଶୈବ ପୀଠ, ଆଠମଲ୍ଲିକର ଦେଉଳଝରୀ, ଟିକରପଡାର ଶିବମନ୍ଦିର ଓ ପୁରୁଣାଗଡର ଜଗନ୍ନାଥ ମନ୍ଦିର, ଛେଣ୍ଡିପଦାର ବାୟାଣୀ ପୀଠରୁ ଆସି ବିଭିନ୍ନ ବ୍ଲକ ପରିକ୍ରମା କରି ତାଳଚେର ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିରଠାରେ ସ୍ଥାପିତ ହେବେ। ଜିଲା ମହୋତ୍ସବ ସମୟରେ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ ବାଲୁକାକଳା ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ପରିବେଶ ସୁରକ୍ଷା ଆଦି କ୍ଷେତ୍ରରେ ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ଅନୁଗୋଳ ବାସିନ୍ଦାଙ୍କୁ 'ଅନୁଗୋଳ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ସେହିପରି ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ସାଇନିଂ ଆଇକନରେ ଚମକିଲେ ନିଖିତା

**ଅନୁଗୋଳ,୨୫।୧୨ (ଅମିତ ସାମଲ)**



ରାଉରକେଲା ସହରର ଭଞ୍ଜ ଭବନଠାରେ ଅନୁଷ୍ଠିତ ଓଡ଼ିଶା ସାଇନିଂ ଆଇକନର ସବ୍ ଜୁନିଅର ବର୍ଗରେ ଚମକିଛନ୍ତି ଅନୁଗୋଳ ଝିଅ ନିଖିତା ସାହୁ। ପ୍ରାୟ ୧୦ ଜଣ ମଡେଲଙ୍କୁ ପଛରେ ପକାଇ ସେ ମିସ୍ ଓଡ଼ିଶା ଟାଇଟଲ ହାସଲ କରିଛନ୍ତି। ନିଖିତାଙ୍କ ବାପା ବିଜୟ କୁମାର ସାହୁ ଏକ ଘରୋଇ କାରଖାନାରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ମା' ଅଞ୍ଜଳି ମଧୁସ୍ମିତା ସାହୁ ଜଣେ ଗୃହିଣୀ। ନିଖିତା ଅନୁଗୋଳ ଜିଲା ନାଲ୍‌କୋର ଦିଲ୍ଲୀ ପବ୍ଲିକ ସ୍କୁଲରେ କ୍ଲାସ ୫ରେ ଅଧ୍ୟୟନରତ। ଓଡ଼ିଶା ସାଇନିଂ ଆଇକନ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନରେ ହୋଇଥିଲା। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ ୧୦ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଫାଇନାଲକୁ ପ୍ରବେଶ କରାଯାଇଥିଲା। ସେମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ନିଖିତା ବିଜୟ ଲାଭ କରିବା ସହ ଓଡ଼ିଶା ସାଇନିଂ ଆଇକନର କ୍ରାଉନ ହାସଲ କରିଛନ୍ତି। ଆଗକୁ ଜଣେ ସଫଳ ଫ୍ୟାଶନ ଡିଜାଇନର ହେବାକୁ ଲକ୍ଷ୍ୟ ଥିବା ନିଖିତା ପ୍ରକାଶ କରିଛନ୍ତି।

# ଲିପିଲୋଇକୁ ହରାଇ ଲିପ୍ତିଙ୍ଗା ଚାମ୍ପିୟନ

**ଆଠମଲ୍ଲିକ, ୨୫।୧୨(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲିପିଲୋଇ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନଅଗାଁ ସରପଞ୍ଚ ସ୍ନିଗ୍ଧା ରାଣୀ ଦେହୁରୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ ଲିପ୍ତିଙ୍ଗା ଏବଂ ଲିପିଲୋଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟ ସୁଦ୍ଧା କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆ ଯାଇଥିଲା। ଟାଇବ୍ରେକର ମାଧ୍ୟମରେ ଲିପିଲୋଇକୁ ହରାଇ ଲିପ୍ତିଙ୍ଗା ଚାମ୍ପିୟନ ହୋଇଛି। ଅନିଲ ସାହୁ, ସୂର୍ଯ୍ୟକାନ୍ତ ବେହେରା, ଅମିତ ନାଏକ ସହଯୋଗ କରିଥିଲେ।



# ଦ୍ୱାରିକା ମୋହନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ତାଳଚେର,୨୫।୧୨ (ମନୋଜ ନନ୍ଦ)**

ତାଳଚେର ପ୍ରେସ୍ କ୍ଲବ୍ ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ତଥା ସାମାଜିକ କର୍ମୀ ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଶ୍ରମିକ ନେତା ସ୍ୱର୍ଗତ ମିଶ୍ର ଜଣେ ଅନୁଷ୍ଠାନ ଥିଲେ। ତାଙ୍କର ସାଲିସ୍ ବିହୀନ ସଂଗ୍ରାମ, ସ୍ପଷ୍ଟବାଦିତା, ନିର୍ଭୀକତା ଓ ଶ୍ରମିକଙ୍କ ସ୍ୱାର୍ଥ ହାସଲ ପାଇଁ ସେ ଅନନ୍ୟ ବ୍ୟକ୍ତି ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମତବ୍ୟକ୍ତ କରିଛନ୍ତି। ନଗରପାଳ ପବିତ୍ର ଭୂତିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଗଡ଼ନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ଓକିଲ ସଂଘର ପୂର୍ବତନ ସଭାପତି ଦୟାସାଗର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେସ୍ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲା ବେଳେ ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା ଏବଂ ଉପସଭାପତି ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ଶ୍ରମିକନେତା, ଆଇନଜୀବୀ, ବୁଦ୍ଧିଜୀବୀ, କାଉନସିଲର, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଆସନ୍ତା ୧୩ ତାରିଖରେ ଢେଙ୍କାନାଳ ସ୍ଥିତ ଦତ୍ତାତ୍ରେୟ ସାଇ ଆଶ୍ରମ ଠାରେ ନାରାୟଣ ସେବା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଗୁରୁ-ଶିଷ୍ୟ ସମ୍ପର୍କ ନିବିଡ଼ ରହୁ

**ବଇଣ୍ଡା,୨୫।୧୨(ପରିକ୍ଷିତ ସାହୁ)**

ଯେଉଁମାନେ ଶିକ୍ଷା ଦେଇ ଛାତ୍ରୀଛାତ୍ରଙ୍କୁ ମଣିଷ କରୁଛନ୍ତି ସେମାନେ ସବୁବେଳେ ନମସ୍ୟ। ସେମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରାଯାଉ। ଶିକ୍ଷା ଅର୍ଜନ କରି ସାରିବା ପରେ ଶିକ୍ଷକମାନଙ୍କୁ କେବେ ଭୁଲନ୍ତୁ ନାହିଁ। ଗୁରୁ ଶିଷ୍ୟ ସମ୍ପର୍କ ନିବିଡ଼ ରହୁ ବୋଲି ରବିବାର ଆଠମଲ୍ଲିକ ବ୍ଲକ ସାନହୁଲା ହାଇସ୍କୁଲ ଖେଳ ପଡିଆଠାରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ମତ ପ୍ରକାଶ ପାଇଛି। ପୁରାତନ ଛାତ୍ର ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସାହୁ, ଶଙ୍କର୍ଷଣ ଆଚାର୍ଯ୍ୟ, ବିଦ୍ୟାଧର ପ୍ରଧାନ, ନୀଳମଣି ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ଭିକାରୀ ବନ୍ଧୁ ସାହୁ, ଦଲୀପ ସାହୁ, ପଣ୍ଡିତ ମୋହନ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କିଭଳି ଗୁରୁ-ଶିଷ୍ୟ ମଧ୍ୟରେ ସୁ-ସମ୍ପର୍କ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ପରେ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଅଜିତ ସାହୁ, ନୀହାର ରଞ୍ଜନ ଭଞ୍ଜ, ଦୁର୍ଯ୍ୟୋଧନ ସାହୁ, ବନିତା ପ୍ରଧାନ, ରେଣୁବାଳା ମାଝି, ପ୍ରାଚୀତାରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପୁରାତନ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ।

# କୁରାଳ ପଞ୍ଚମୀ ମହୋତ୍ସବ ଉଦ୍‌ଯାପିତ

**ଛେଣ୍ଡିପଦା,୨୫।୧୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତ ଚନ୍ଦନନଗର କୁମ୍ଭାରସାହିଠାରେ କୁମ୍ଭକାର (କୁମ୍ଭାର) ସମ୍ପ୍ରଦାୟ ପକ୍ଷରୁ ଚାଲିଥିବା କୁରାଳ ପଞ୍ଚମୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। କୁମ୍ଭାର ସମାଜର ସଭାନେତ୍ରୀ ନିରାଶ ବେହେରା, ସମ୍ପାଦିକା ଅମୃତି ବେହେରା ଓ କୋଷାଧ୍ୟକ୍ଷା ତପସ୍ୱିନୀ ବେହେରାଙ୍କ ପରିଚାଳନାରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାରଙ୍ଗଧର ବେହେରା, ବିଶ୍ୱନାଥ ବେହେରା, ହଟକିଶୋର ବେହେରା, ପରିକ୍ଷିତ ବେହେରା, ପ୍ରହଲାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ପରିବେଶ କର୍ମୀ ହେବାକୁ ସଂକଳ୍ପ


ପ୍ଲାଷ୍ଟିକ ପ୍ରଦୂଷଣ ବିରୋଧରେ ଛାତ୍ରୀଛାତ୍ରମାନେ ସଚେତନ କରୁଛନ୍ତି।

**ଅନୁଗୋଳ,୨୫।୧୨ (ଅମିତ କୁମାର ସାମଲ)**

ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ପୁରୁଣାଗଡ ଉଚ୍ଚ ବିଦ୍ୟାଳୟରେ ଜୈବଇଟା ମାଧ୍ୟମରେ ଜଳବାୟୁ ସ୍ଥିରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରୁଚିସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ଶୁଭେନ୍ଦୁ ସାହୁ ଓ ସୁବ୍ରତ କୁମାର ସାହୁ ଯୋଗଦେଇ ଜୈବଇଟା କିଭଳି ଜଳବାୟୁ ସ୍ଥିରତା କ୍ଷେତ୍ରରେ ସ୍ଥିରତା ଆଣିପାରିବ ସେ ନେଇ ସଚେତନ କରାଇଥିଲେ। ଅନୁଷ୍ଠାନର ଅନ୍ୟତମ ସଦସ୍ୟ ସୁବ୍ରତ କୁମାର ପ୍ରଧାନ ଯୋଗଦେଇ ୧୯୫୦ ରୁ ୨୦୧୭ ମସିହା ଭିତରେ ଉତ୍ପାଦିତ ୯ ବିଲିୟନ ଟନ୍ ପ୍ଲାଷ୍ଟିକରୁ ପ୍ରାୟ ୭ ବିଲିୟନ ଟନ ବର୍ଜ୍ୟବସ୍ତୁରେ ପରିଣତ ହୋଇ ଜମାହୋଇ ରହିଥିବା ସୂଚନା ଦେଇଥିଲେ। ଜୈବଇଟା ପ୍ରସ୍ତୁତ ଦ୍ୱାରା ଅଦରକାରୀ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଥଳୀ ଓ ପ୍ଲାଷ୍ଟିକ ବୋତଲଗୁଡିକ ଆମ ପରିବେଶ ମଧ୍ୟରେ ପ୍ରବେଶ କରିବ ନାହିଁ ଏବଂ ପ୍ଲାଷ୍ଟିକ ପ୍ରଦୂଷଣ ହେବ ନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସହକାରୀ ଶିକ୍ଷକ ଶୁଭ୍ରାଂଶୁ ସାହୁ, ବିଶ୍ୱଜିତ ମନ୍ତ୍ରୀ, ସୁଜିତ କୁମାର ଜେନା, ଏସ୍‌କେ ବସାରତ ଅଲ୍ଲୀ, ଗୋବିନ୍ଦ ଚନ୍ଦ୍ର ଗୌଡ, ଦିଲୀପ କୁମାର ମଲ୍ଲିକ, ଶଙ୍କର ପ୍ରଧାନ ଏବଂ ସହକାରୀ ଶିକ୍ଷୟିତ୍ରୀ ମିଲୁ ପାଲ, ଶୁଭ୍ରା ମିଶ୍ର, ସମାଲିତା ଜେନା ପ୍ରମୁଖ ପରିବେଶ କର୍ମୀ ହୋଇ ଜୈବଇଟା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ଜୈବଇଟା ପ୍ରସ୍ତୁତ କରି ପ୍ଲାଷ୍ଟିକ ପ୍ରଦୂଷଣ ବିରୋଧରେ ସଂଗ୍ରାମ କରିବାକୁ ସଂକଳ୍ପ ନେଇଥିଲେ।

# ହଷ୍ଟେଲ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

**ଆଠମଲ୍ଲିକ,୨୫।୧୨ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରୀ ନିବାସର ଅନ୍ତେବାସୀ ତଥା ଛାତ୍ରୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ଓ ପରିଚାଳନା କମିଟି ସଭ୍ୟ ଉଦୀପ୍ତ ପୁରୋହିତ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ଶିକ୍ଷକ ଧବଳେଶ୍ୱର ଦେହୁରୀ, କମଳା କାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ।



## ହାତୀ ଆକ୍ରମଣରେ ଜଣେ ମୃତ

**ପାଲଲହଡ଼ା,୨୫।୧୨ (ଦିବ୍ୟଜ୍ୟୋତି ଦାଶ)**

ଶୌଚ ହେବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା ପାଲଲହଡା ବନାଞ୍ଚଳ ଲକ୍ଷ୍ମୀପୁର ଗ୍ରାମର କୀର୍ତ୍ତନ ନାୟକ। ସୂଚନା ଅନୁଯାୟୀ, କୀର୍ତ୍ତନ ସୋମବାର ଭୋର ସମୟରେ ଗାଁ ପାଖରେ ଥିବା ନାଳକୁ ଶୌଚ ହେବା ପାଇଁ ଯାଇଥିଲେ। ହେଲେ ସେଠାରେ ସେ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଁଚି ମୃତଦେହ ଜବତ କରିଥିଲେ। ବର୍ଷେ ମଧ୍ୟରେ ଏଠାକାର ୩ ଜଣଙ୍କୁ ହାତୀ ଆକ୍ରମଣ କରି ମାରିଥିବାରୁ ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ବନ କର୍ମଚାରୀମାନେ ବୁଝାଶୁଝା କରିବା ସହିତ ସରକାରଙ୍କ ନିୟମ ମୁତାବକ ଉପଯୁକ୍ତ କ୍ଷତିପୂରଣ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ମୃତଦେହକୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

# ଅଙ୍ଗପଡ଼ାରେ ଯୋଗ ଶିବିର

**ବଇଣ୍ଡା,୨୫।୧୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ବଳରାମ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ନୋଡାଲ ଅଧିକାରୀ ଆଶୁତୋଷ ମିଶ୍ର, ଜ୍ଞାନେନ୍ଦ୍ର ବିଶ୍ୱାଳ, କ୍ରିଷ୍ଣାରାଣୀ ସାହୁ ଯୋଗ ଦେଇଥିଲେ। ଏଥିରେ ଯୋଗ ଗୁରୁ ମେଘନାଦ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗ ଶିଖାଇଥିଲେ।



## ମା' ରକ୍ତମାଉଲୀଙ୍କ ବାର୍ଷିକ ଯାତ୍ରା ଶେଷ

**ଛେଣ୍ଡିପଦା,୨୫।୧୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତ କରଡାବାହଲ ଗ୍ରାମର ବାଙ୍କବାହାଲଠାରେ ମା' ରକ୍ତମାଉଲୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ଶେଷ ହୋଇଛି। ସକାଳେ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାୟ ୩୦ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜା ସ୍ଥଳରେ କରଡାବାହାଲ ଗ୍ରାମବାସୀଙ୍କ ସହଯୋଗରେ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ଓ ଥଣ୍ଡା ପାନୀୟ ଜଳ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ସଭାପତି ନିରଞ୍ଜନ ପ୍ରଧାନ, ସମ୍ପାଦକ ଦିନବନ୍ଧୁ ପ୍ରଧାନ ଓ ୫ଜଣ ବେହେରା ଛାଟିଆ ସାହୁ, ଧର୍ମପଦ ସାହୁ, ଗୋବର୍ଦ୍ଧନ ସାହୁ, ଖିଜୁ ମାଝି ଓ ଧୀର ବାଘଙ୍କ ନେତୃତ୍ୱରେ ଯାତ୍ରା ଓ ପୂଜା କମିଟି ସଭାପତି ରସାନନ୍ଦ ମାଝି, ସମ୍ପାଦକ ବାଲୁଙ୍କେଶ୍ୱର ପ୍ରଧାନ, ସାନ୍ତନୁ ପ୍ରଧାନ, ହୃଦାନନ୍ଦ ଦେହୁରୀ, ରୁଦ୍ରମୋହନ ସାହୁ, ନିରଞ୍ଜନ ମାଝି ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

# ତାଳଚେର ଥର୍ମାଲରେ ୩ ଦିନିଆ କ୍ରୀଡ଼ା



ଅତିଥିମାନଙ୍କ ସହ କ୍ରୀଡ଼ା ପ୍ରତିଯୋଗିତାର ସଫଳତା ପାଇ ପୁରସ୍କୃତ ହୋଇଥିବା ଖେଳାଳିମାନେ।

**ତାଳଚେର,୨୫।୧୨ (ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର ଥର୍ମାଲରେ ୨୦ ଡିସେମ୍ବରରୁ ୨୨ ଡିସେମ୍ବର ପର୍ଯ୍ୟନ୍ତ ଏନ୍‌ଟିପିସି ପୂର୍ବାଞ୍ଚଳ -୨ର ୫ଟି ପ୍ରୋଜେକ୍ଟର ଟେବୁଲ ଟେନିସ ଓ କଣ୍ଟ୍ରାକ୍ଟ ବ୍ରିଜ ଖେଳ ନୂତନ କ୍ରୀଡା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଥର୍ମାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚଗୁଡିକରେ ଏନଟିପିସିର ତାଳଚେର ଥର୍ମାଲ, କଣିହାଁ, ବଙ୍ଗାଇଗାଁଓ, ଉତ୍ତର କର୍ଣ୍ଣପୁରା, ଦର୍ଲିପଲ୍ଲୀର ଖେଳାଳି ଭାଗ ନେଇଥିଲେ। ଟେବୁଲ ଟେନିସ ମ୍ୟାଚରେ କଣିହାଁ ଓ ବଙ୍ଗାଇଗାଁଓ ଟିମ୍, ମହିଳା ଟେବୁଲ ଟେନିସରେ ତାଳଚେର ଥର୍ମାଲ ଟ୍ରଫି ହାସଲ କରିଥିଲେ। ସେହିପରି କଣ୍ଟ୍ରାକ୍ଟ ବ୍ରିଜ ଖେଳରେ କଣିହାଁ ଟିମ୍ ବିଜୟୀ ହୋଇଥିଲେ। ଅନ୍ତିମ ଦିନର ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ କାର୍ଯ୍ୟକାରୀ ନିର୍ଦ୍ଦେଶକ ପାର୍ଥ ମଜୁମଦାର ଓ ମହୁଆ ମଜୁମଦାର ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ।

# ହନୁମାନ ବଜାର ଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଗଣଦୌଡ଼

କାମାକ୍ଷାନଗର:୨୫।୧୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ତରଫରୁ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସୋମବାର ନଗରପାଳ ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୬ ତାରିଖ ପୂର୍ବାହ୍ନ ୮ ଘଟିକାରେ ହନୁମାନ ବଜାର ଠାରୁ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହେବ। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। ପରେ

## ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି

କାମାକ୍ଷାନଗର ବିଜେଡି କର୍ମୀମାନେ ଭୁବନ ଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏକ ବାଇକ ରାଲି କରି ଭୁବନ ଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉପନଗରପାଳ ଶକୁନ୍ତଳା ସେଠୀ, ନଗର ବିଜେଡି ସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ମହିଳା ସଭାନେତ୍ରୀ ରଞ୍ଜିତା ବେହେରା, ସମସ୍ତ କାଉନସିଲର, ସମସ୍ତ ୱାର୍ଡର ଦଳୀୟ କର୍ମୀ ଯୋଗ ଦେଇଥିଲେ।



ବୈଠକରେ ନଗରପାଳଙ୍କ ସମେତ ଅନ୍ୟମାନେ।

# ନିଶାମୁକ୍ତ ସମାଜ ଗଢ଼ିବାକୁ ଆହ୍ୱାନ

ଢେଙ୍କାନାଳ,୨୫।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଡିଗ୍ରୀ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ପଥପ୍ରାନ୍ତ ନାଟକ ଦ୍ୱାରା ଭୋଟର ସଚେତନତା ଓ ନିଶାମୁକ୍ତ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଧରଣୀଧର ବାରିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଶାମୁକ୍ତ ସମାଜ ଗଢିବାକୁ ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହିତ କୌଣସି ଲୋଭରେ ନ ପଡି ନିଜର ମତଦାନ ସାବ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ସିମିନଇ କଲେଜ ଛକ ଓ ଗାନ୍ଧୀ ଛକଠାରେ ୨ଟି ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ପଥପ୍ରାନ୍ତ ନାଟକ ପରିବେଷଣରେ ସୋନାଲିକା ରାଉତ, ତୋଷାଳି ପ୍ରିୟଙ୍କା ହୋତା, ଶ୍ରେୟା ସିବାଙ୍ଗୀ ରାଉତ, ଦେବବ୍ରତ ସାହୁ, ଆଶୁତୋଷ ପଣ୍ଡା, ଅର୍ପିତା ଜେନା, କିରଣପ୍ରିୟା ସାହୁ ପ୍ରମୁଖ ସାମିଲ ଥିଲେ। ସାମାଜିକ ନୋଡାଲ ଅଫିସର ଅଧ୍ୟାପକ କୀର୍ତି କୌଶିକ ପଣ୍ଡା, ସୁଜିତ ସାମଲ, ଅନ୍ତର୍ଯ୍ୟାମୀ ବେହେରା, ଅଧ୍ୟାପିକା ଅନିତା ଦାସ, ପରିମିତା ନାୟକ, ଶୁଭଶ୍ରୀ ରାଉତ, ପ୍ରଜ୍ଞା ପରିମିତା, ଅନିମା ଦାସ ପ୍ରମୁଖ ସହଯୋଗ କରିଥିଲେ। ଏଥିସହିତ ଫୁଟ୍‌ବଲ, ଦଉଡିଡିଆଁ, ବ୍ୟାଡ୍‌ମିଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଅନିଲ ପଣ୍ଡା, କ୍ରୀଡାବିତ ପୁରୁଷୋତ୍ତମ ରାଉତ ପରିଚାଳନା କରିଥିଲେ।



ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

# ନୃତ୍ୟ, ସଙ୍ଗୀତ, କ୍ରୀଡ଼ା ଶିକ୍ଷାକୁ ଅଧିକ ବୁଦ୍ଧିମନ୍ତ କରେ

କାମାକ୍ଷାନଗର,୨୫।୧୨(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରର ୨୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ଶିକ୍ଷାନୁଷ୍ଠାନରେ ନୃତ୍ୟ, ସଙ୍ଗୀତ, କ୍ରୀଡା ଶିକ୍ଷାକୁ ଅଧିକ ବୁଦ୍ଧିମନ୍ତ କରେ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରଚାରକ ପବିତ୍ର ମୋହନ ଦାସ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଶ୍ରୀକାନ୍ତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ ଅତିଥି ପରିଚୟ ଦେଇଥିଲେ। ସହ ପ୍ରଧାନ ପ୍ରମୋଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

କାମାକ୍ଷାନଗର,୨୫।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଜୈନ ମିଶ୍ରି ଲାଲ ପଦ୍ମାବତୀ ମଡେଲ ସ୍କୁଲରେ ଅଷ୍ଟମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ କୋଷାଧ୍ୟକ୍ଷ ମଙ୍ଗତଲାଲ କଟାରୁକା ଯୋଗ ଦେଇଥିଲେ। ବାପୁ ମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଙ୍ଗଠନ ଦ୍ୱାରା ପରିଚାଳିତ ଏହି ସ୍କୁଲରେ ନର୍ସରୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭାଇସ ପ୍ରିନ୍ସିପାଲ ଅଭୟ କାହାଳିଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ।



## ବ୍ୟବସାୟୀଙ୍କ ପରଲୋକ

କାମାକ୍ଷାନଗର,୨୫।୧୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଆଳତୁମାର ବ୍ୟବସାୟୀ ପତିତପାବନ ମହାନ୍ତିଙ୍କ ପରଲୋକ ଘଟିଛି। ଏହି ଖବର ଜଣାପଡ଼ିବା ପରେ ଆଳତୁମା ସମେତ ସହରରେ ଶୋକର ଛାୟା ଖେଳିଯାଇଛି। ନଗରପାଳ ଧର୍ମାନନ୍ଦ ପରିଡା, ସ୍ଥାନୀୟ କାଉନସିଲର ସଞ୍ଜୟ ପରିଡା, ଆଳତୁମା ଗ୍ରାମ ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ।



# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ଭୁବନ,୨୫।୧୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ କାର୍ଯ୍ୟାଳୟରେ ୨୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ଏହି ପରିଚୟପତ୍ର ଜିଲା ପୋଲିସ ସୁରକ୍ଷା ଆଇନ ବିଭାଗ ପକ୍ଷରୁ ମିଳିଥିଲା। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ସମ୍ମାନିତ ଅତିଥି ଭାବେ ଭୁବନ ଥାନା ଅଧିକାରୀ ନରେଶ ସାହୁ ଯୋଗ ଦେଇଥିଲେ। ସଂଘ ସଭାପତି ଶ୍ରୀଧର ବେହେରା ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ବେଣୁଧର ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମାଧବାନନ୍ଦ ସାହୁ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବିଦ୍ୟାଧର ବିହାରୀ କାର୍ଯ୍ୟକ୍ରମ ଓ ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲ୍ୟବିବାହ ରୋକିବା ନେଇ ସଚେତନତା

କାମାକ୍ଷାନଗର,୨୫।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ପିବିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇୱାଇଡିପି ମାଧ୍ୟମରେ ବାଲ୍ୟବିବାହ ଉଚ୍ଛେଦ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମାନାଥ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୋଅର୍ଡିନେଟର ରବିନାରାୟଣ ସାହୁ ଓ ପୋଗ୍ରାମ ଅଫିସର ପ୍ରତାପ ଚନ୍ଦ୍ର ରଣା, ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ମହାବିରୋଡ଼ ଗ୍ରାମ ପରିକ୍ରମା କରି ବାଲ୍ୟବିବାହ କିଭଳି ରୋକାଯାଇପାରିବ ସେ ବିଷୟରେ ଜନସାଧାରଣଙ୍କୁ ସଚେତନତା କରିଥିଲେ।



# ମନ୍ଦିର ସଫେଇ କଲେ ଛାତ୍ରୀ



କାମାକ୍ଷାନଗର,୨୫।୧୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ମନ୍ଦିର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଇସିଙ୍ଗା ସରପଞ୍ଚ ସନ୍ତୋଷ ସାହୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅଧ୍ୟକ୍ଷ ନିଗମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଯୁକ୍ତ ୨ଛାତ୍ରୀମାନେ କାମାକ୍ଷାନଗର ବ୍ଲକ ବାଇସିଙ୍ଗା ପଞ୍ଚାୟତ ତେନ୍ତୁଳିସିଙ୍ଗା ରାମେଶ୍ୱର ଶିବମନ୍ଦିର ପରିସର ସଫେଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଜୀବନାନନ୍ଦ ସ୍ୱାଇଁ, ଅଧ୍ୟାପିକା ଦୀପ୍ତିରେଖା ଦ୍ୱିବେଦୀ, ମିନତୀ ନାୟକ, ନିବେଦିତା ମହାପାତ୍ର, ସଙ୍ଗୀତାରାଣୀ ମହାପାତ୍ର, ମିନାକ୍ଷୀ ମହାରଣା, ସ୍ୱାଗତିକା ନନ୍ଦ, ସସ୍ମିତା ସାହୁ, ମରାଳ ମାଳିନି ନନ୍ଦ, ଗାୟତ୍ରୀ ପଟ୍ଟନାୟକ, ଗିନାରାଣୀ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସଚେତନତା

ଢେଙ୍କାନାଳ,୨୫।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ କୋଇଲିପଙ୍ଗିଠାରେ ଥିବା ଦେବେନ୍ଦ୍ର ଶତପଥୀ ମେମୋରିଆଲ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଶ୍ରୀ ମୁଖୀଙ୍କ ତତ୍ତ୍ୱାବଧାନରେ ଆଇୱା ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ଦେବାଶିଷ ରାଉତରାୟ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ମହୁଲବେରେଣୀ ଗ୍ରାମକୁ ଏକ ଶୋଭାଯାତ୍ରାରେ ଯାଇଥିଲେ। ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଜଣାଇଥିଲେ।




# ସଡ଼କ ସୁରକ୍ଷା ନେଇ ସଚେତନତା




କାମାକ୍ଷାନଗର,୨୫।୧୨(ଅମଜାଦ ଖାନ)

କଙ୍କଡ଼ାହାଡ଼ ବ୍ଲକ ପଳାଶୁଣି ବିଶ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇୱାଇଡିପି ମାଧ୍ୟମରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମାନାଥ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିରୋଡ଼ ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ଟ୍ରାଫିକ ନିୟମ ଓ ସଡ଼କ ସୁରକ୍ଷା ଉପରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଅଧ୍ୟାପକ ରବି ନାରାୟଣ ସାହୁ ଓ ପ୍ରତାପ ଚନ୍ଦ୍ର ରଣଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ହରିୟାଣା ଗଲେ କାମାକ୍ଷାନଗରର ୮ ଖେଳାଳି

କାମାକ୍ଷାନଗର,୨୫।୧୨ (ଅମଜାଦ ଖାନ)

ଆସନ୍ତା ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରଠାରେ ଜାତୀୟ ଟାଇଗର ମ୍ୟାଟସୋଗି ପ୍ରତିଯୋଗିତା ଆୟୋଜିତ ହେବ। ଏଥିପାଇଁ କାମାକ୍ଷାନଗର ଅଞ୍ଚଳର ୮ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାରେ ବ୍ଲାକ ବେଲ୍ଟ ପାଇଁ ପ୍ରତୀକ ପ୍ରିୟଦର୍ଶନ, ରିନଜ ଅକ୍ସା ପରବୀନ ମନୋନୀତ ହୋଇଥିବାବେଳେ କଲର ବେଲ୍ଟ ପାଇଁ ସ୍ୱତିକ, ସାଇ ଶାଶ୍ୱତ, ଆତିଶ, ମଣ୍ଟୁ, ଅନୁଷ୍କା, ସ୍ମୃତି, ଅମ୍ରିତା ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନେ ସୋମବାର ହରିୟାଣା ଅଭିମୁଖେ ଗସ୍ତ କରିଛନ୍ତି। କୋଚ ରମେଶ ପୃଷ୍ଟି, ମ୍ୟାନେଜର କାଜଲ ଖାନ ଦଳ ସହ ଯାତ୍ରା କରିଛନ୍ତି। ପ୍ରତିଯୋଗିତା ପାଇଁ ସମସ୍ତ ଖେଳାଳିଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ

ଢେଙ୍କାନାଳ,୨୫।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ଗ୍ରାମ ଦେଓରଗଡି ପାହାଡ ସତ୍‌ସଙ୍ଗ ଶ୍ରୀଶ୍ରୀ ଅବିନ ଦାଦାଙ୍କ ସ୍ମୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ଉଷା କୀର୍ତ୍ତନ, ବେଦ ମାଙ୍ଗଳିକ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପରେ ଏକ ସୁସଜ୍ଜିତ ରଥରେ ଶ୍ରୀ ଶ୍ରୀ ଅବିନ ଦାଦାଙ୍କ ପ୍ରତିକୃତି ରଖାଯାଇ ଶୋଭାଯାତ୍ରା କରାଯାଇଥିଲା। ବରିଷ୍ଠ କ୍ରୀଡାବିତ୍ ରମେଶ ଚନ୍ଦ୍ର ସାହୁ ମଶାଲ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ପୁରାଣ ଆଚାର୍ଯ୍ୟ, ନାରାୟଣ ଦାସ, ଅଜିତାନନ୍ଦ ବିହାରୀ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଜୟକୃଷ୍ଣ ଜେନା, ଅଧ୍ୟାପକ ପ୍ରଶାନ୍ତ ସ୍ୱାଇଁ, ସାମାଜିକ କର୍ମୀ ବିଶ୍ୱପ୍ରିୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବକିଶୋର ଧଳ, ପ୍ରକାଶ ପ୍ରଧାନ, ନୃସିଂହନାଥ ଜେନା, ଶରତଚନ୍ଦ୍ର ଦାସ, ଦାଶରଥି ରାଉତ, ନବକିଶୋର ପ୍ରଧାନ, ଦିଲୀପ ରାଉତ, ମୁରଲି ରାଉତ, ପ୍ରିୟବ୍ରତ ରାଉତ, ମନୋରଞ୍ଜନ ଧଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ନାଗରିକଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ ହୋଇଥିଲା।



ସ୍ମୃତି ମହୋତ୍ସବ ପାଳନ ଅବସରରେ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଉଛି।

